# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

*India's National Spiritual Newspaper*

₹ 10/-

1969 TO 2029 ECHO OF HIS CALL SINCE 1969

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVIII    YEAR OF OUR LORD JESUS CHRIST, 2026 JUNE    No.04


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

**(ଯିଶାଇୟ ୫୪:୧୩-୧୭)**

୧୩ ତୁମ୍ଭର ସନ୍ତାନଗଣ ସମସ୍ତେ ସଦାପ୍ରଭୁଙ୍କ ଦ୍ୱାରା ଶିକ୍ଷିତ ହେବେ ଓ ତୁମ୍ଭ ସନ୍ତାନଗଣର ମହାଶାନ୍ତି ହେବ ।

୧୪ ତୁମ୍ଭେ ଧାର୍ମିକତାରେ ସ୍ଥିରୀକୃତ ହେବ; ତୁମ୍ଭେ ଉପଦ୍ରବଠାରୁ ଦୂରରେ ରହିବ, କାରଣ ତୁମ୍ଭେ ଭୀତ ନୋହିବ; ପୁଣି ତ୍ରାସଠାରୁ ଦୂରରେ ରହିବ, କାରଣ ତାହା ତୁମ୍ଭ ନିକଟକୁ ଆସିବ ନାହିଁ ।

୧୫ ଦେଖ, ଲୋକମାନେ ଏକମେଳ ହୋଇ ପାରନ୍ତି, ମାତ୍ର ଆମ୍ଭ ଦ୍ୱାରା ନୁହେଁ; ଯେକେହି ତୁମ୍ଭ ବିପକ୍ଷରେ ଏକମେଳ ହୁଏ, ସେ ତୁମ୍ଭ ହେତୁ ପତିତ ହେବ ।

୧୬ ଦେଖ, ଯେଉଁ ଲୌହକାର କୋଇଲାକୁ ଅଗ୍ନି ଦେଇ ତାହେ ଓ ଆପଣା କାର୍ଯ୍ୟ ନିମନ୍ତେ ଅସ୍ତ୍ର ନିର୍ମାଣ କରେ, ଆମ୍ଭେ ତାହାର ସୃଷ୍ଟି କରିଅଛୁ ଓ ବିନାଶକରଣାର୍ଥେ ବିନାଶକକୁ ହିଁ ଆମ୍ଭେ ସୃଷ୍ଟି କରିଅଛୁ ।

୧୭ ଯେକୌଣସି ଅସ୍ତ୍ର ତୁମ୍ଭ ପ୍ରତିକୂଳରେ ନିର୍ମିତ ହୁଏ, ତାହା ସାର୍ଥକ ହେବ ନାହିଁ ଓ ଯେ ପ୍ରତ୍ୟେକ ଜିହ୍ୱା ବିଚାରରେ ତୁମ୍ଭ ବିରୁଦ୍ଧରେ ଉଠେ, ତୁମ୍ଭେ ତାହାକୁ ଦୋଷୀ କରିବ । ସଦାପ୍ରଭୁଙ୍କ ଦାସମାନଙ୍କର ଅଧିକାର ଓ ଆମ୍ଭ ଦତ୍ତ ସେମାନଙ୍କର ଧାର୍ମିକତା ଏହି, ଏହା ସଦାପ୍ରଭୁ କହନ୍ତି ।

## ଈଶ୍ୱର ଆପଣଙ୍କର କ୍ଷତି କରିବା ପାଇଁ ଅନ୍ୟମାନଙ୍କୁ ଅନୁମତି ଦେବେ ନାହିଁ !

## GOD WILL NOT ALLOW OTHERS TO HARM YOU!

ଭଉଣୀ ଆଞ୍ଜେଲାଇନ୍



ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ସୁନ୍ଦର ନାମରେ ସମଗ୍ର ପୃଥିବୀସ୍ଥିତ ଆମର ସମସ୍ତ ଭାଇ ଭଉଣୀଙ୍କୁ ଅଭିବାଦନ । ଆମର ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ମାଧ୍ୟମରେ ପୁଣିଥରେ ଆପଣମାନଙ୍କ ସହିତ ସଂଯୁକ୍ତ ହୋଇଥିବାରୁ, ମୁଁ ଅତି ଆନନ୍ଦିତ ଅଟେ । ଶାନ୍ତି ଓ ସାନ୍ତ୍ୱନାଦାତା ଈଶ୍ୱର ଆମ ପ୍ରତ୍ୟେକଙ୍କୁ ଚାଳନା ଦେବା ଓ ପଥ ଦେଖାଇବା ଅବ୍ୟାହତ ରଖନ୍ତୁ ।



ମୋର କ୍ଷତି କରିବା ପାଇଁ ଈଶ୍ୱର ତାଙ୍କୁ ଅନୁମତି ଦେଇ ନାହାନ୍ତି ।

ଏହି ନିକଟରେ, ମୁଁ ଯାକୁବଙ୍କର ଜୀବନ ବିଷୟରେ ପଢୁଥିଲି ଓ ନିମ୍ନଲିଖିତ ପଦ ଦ୍ୱାରା ମୁଁ ଗଭୀରଭାବରେ ପ୍ରେରଣା ପାଇଥିଲି :

''...ତୁମ୍ଭମାନଙ୍କ ପିତା ମୋତେ ପ୍ରବଞ୍ଚନା କରି ଦଶଥର ମୋହର ବର୍ତ୍ତନ ପରିବର୍ତ୍ତନ କରିଅଛନ୍ତି, ମାତ୍ର ପରମେଶ୍ୱର ତାଙ୍କୁ ମୋହର କ୍ଷତି କରିବାକୁ ଦେଇ ନାହାନ୍ତି'' (ଆଦିପୁସ୍ତକ ୩୧:୭) ।

କେତେ ଶକ୍ତିପୂର୍ଣ୍ଣ ଭରସା ! ଏହି ବାକ୍ୟ ଉପରେ ଚିନ୍ତା କରନ୍ତୁ - ଈଶ୍ୱର ମୋତେ ଆଘାତ କରିବା ପାଇଁ ମନୁଷ୍ୟକୁ କିମ୍ବା ମୋର କିମ୍ବା ମୋର ପରିବାର

(ପରବର୍ତ୍ତୀ ଅଂଶ ୩ୟ ପୃଷ୍ଠାରେ)


**ଆହ୍ୱାନର ପ୍ରତିଧ୍ୱନି**

ଖ୍ରୀଷ୍ଟିଆନ ୟୁ-ଟ୍ୟୁବ୍ ଚ୍ୟାନେଲ !



ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ

ପ୍ରତିଦିନ ୨ ମିନିଟ୍‌ର ବାର୍ତ୍ତା

ଇଂରାଜୀ, ହିନ୍ଦୀ ଭାଷା – ସକାଳ ୧.୦୦ ଘଟିକା,

ତାମିଲ ଏବଂ ତେଲୁଗୁ ଭାଷା – ସକାଳ ୨.୦୦ ଘଟିକା

ଓ

ତାମିଲ, ଇଂରାଜୀ ବାର୍ତ୍ତା ଓ ପ୍ରାର୍ଥନା

ରବିବାର ଉପାସନା – ସକାଳ ୮.୩୦ ଏବଂ ସନ୍ଧ୍ୟା ୬.୦୦ ରେ

ଯଦି ଆପଣ ଆଶୀର୍ବାଦ ପାଉଛନ୍ତି, ତେବେ ଦୟାକରି ଏହାର ସଭ୍ୟ ହୁଅନ୍ତୁ ।
ଆପଣ ଯେଉଁମାନଙ୍କୁ ପ୍ରେମ କରନ୍ତି, ସେମାନଙ୍କୁ ଏ ବିଷୟରେ କଣାନ୍ତୁ ।

ECHO OF HIS CALL - (Marching towards 60th year)
Estd. 1969



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...

> “...ତୁମର ଭଣ୍ଡାର ବହୁ ଧନରେ ପରିପୂର୍ଣ୍ଣ ହେବ ଓ ତୁମ କୁଣ୍ଡରେ ନୂତନ ଦ୍ରାକ୍ଷାରସ ଉଚ୍ଛୁଳି ପଡ଼ିବ”
> (ହିତୋପଦେଶ ୩:୧୦) ।



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Dr.Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.
EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858, 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

ପ୍ରଭୁରେ ପ୍ରିୟ ବନ୍ଧୁଗଣ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ ।

ଆଜିକାଲି ଆମେ ଆମ ଦେଶର ପ୍ରତ୍ୟେକ ଅଞ୍ଚଳରେ ଆତ୍ମାଗୁଡ଼ିକର ବହୁଳ ପରିମାଣରେ (ଶସ୍ୟ) ଅମଳ, ଅର୍ଥାତ୍, ପରିତ୍ରାଣକୁ ଗ୍ରହଣ କରିବା ଦେଖୁଅଛୁ, କାରଣ ଅନେକ ଲୋକ ଆମର “ନିହିମିୟା ବାଇବଲ କଲେଜ, ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ମଣ୍ଡଳୀଗୁଡ଼ିକ ଭଳି ବିଭିନ୍ନ ସେବାକାର୍ଯ୍ୟ ମାଧ୍ୟମରେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସାକ୍ଷାତ୍ ପାଉଛନ୍ତି ।

ଛୁଟି ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍) ଏପ୍ରିଲ ୧୭ ରୁ ୨୧ ପର୍ଯ୍ୟନ୍ତ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ଅନୁଷ୍ଠିତ ହୋଇଥିଲା ଓ ଅନେକ ପିଲା ସେଥିରେ ଯୋଗ ଦେଇଥିଲେ । ଅନେକ ଭାଇ ଓ ଭଉଣୀ ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ଓ ସେମାନଙ୍କୁ ପ୍ରଭୁଙ୍କ ନିକଟକୁ କଢ଼ାଇ ଆଣିବା ପାଇଁ ଆଗେଇ ଆସିଥିଲେ । ଏହା ଏକ ବଡ଼ ଆଶୀର୍ବାଦ ଥିଲା ।



ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଶିକ୍ଷକ ଓ ଅଣଶିକ୍ଷକ ବୃନ୍ଦ ।



ଆମର ସନ୍ତୋଷପୁରମ୍ ମଣ୍ଡଳୀରେ ପିଲାମାନଙ୍କ ପାଇଁ ଛୁଟୀ ଦିବସୀୟ ବାଇବଲ ସ୍କୁଲ ।

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

ମଇ ୫ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଚେପକ୍‌ସ୍ଥିତ ଆମର ମୁଖ୍ୟ ମଣ୍ଡଳୀ ଓ ମଇ ୧୧ ତାରିଖରୁ ୧୭ ପର୍ଯ୍ୟନ୍ତ ବାଲାଜୀ ନଗର ଓ ଭେଲାଚେରୀଠାରେ ଥିବା ଆମର ଶାଖା ମଣ୍ଡଳୀଗୁଡ଼ିକରେ ମଧ୍ୟ ଛୁଟୀ ଦିବସୀୟ ବାଇବଲ ସ୍କୁଲ ଅନୁଷ୍ଠିତ ହେବ ।

ଆମର ସ୍କୁଲ ସରକାରୀ ଆଦେଶ ଅନୁସାରେ ଜୁନ୍ ମାସର ଦ୍ୱିତୀୟ ସପ୍ତାହରେ ପୁନର୍ବାର ଖୋଲିବ । ଦୟାକରି ଏହି ଶିକ୍ଷା ଅନୁଷ୍ଠାନ ପାଇଁ, ବିଶେଷ ଭାବରେ ଆମର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଆମର ନିହିମିୟା ବାଇବଲ କଲେଜଗୁଡ଼ିକ ୨୦୨୬ ଜୁନ ୧ ତାରିଖରେ ପୁନର୍ବାର ଖୋଲିବ । ଏଗୁଡ଼ିକରେ ତାମିଲ, ଇଂରାଜୀ ଓ ହିନ୍ଦୀ ମାଧ୍ୟମରେ ଶିକ୍ଷା ଦିଆଯାଇ ଥାଏ ।

୨୦୨୫-୨୦୨୬ ଶିକ୍ଷାବର୍ଷ ପାଇଁ, ମଇ ୩୦ ତାରିଖ ଦିନ ପାଠ୍ୟକ୍ରମ ଶେଷ ହେବ ଓ ୨୦୨୬ ଜୁଲାଇ ୪ରେ, ପୁରସୱାକମ୍ ସ୍ଥିତ ରିଥରଡନ୍ ରୋଡ଼ର ବାଲାର୍ କାଲ୍‌ବିନିକୟମ୍, ଏମ୍.ଆର୍.ସି. ହଲ୍‌ଠାରେ ଉପାଧି ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ ।

ଦୟାକରି ଆମର ସହକର୍ମୀମାନଙ୍କ ପାଇଁ ଓ ସେବାକାର୍ଯ୍ୟର ଆବଶ୍ୟକତା ପାଇଁ ପ୍ରାର୍ଥନା କରନ୍ତୁ । ଆମେ ଆପଣମାନଙ୍କର ମତାମତ ଓ ପରାମର୍ଶଗୁଡ଼ିକୁ ସାଦରେ ଗ୍ରହଣ କରିବୁ ।

ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ ।

ଖ୍ରୀଷ୍ଟ ଯୀଶୁରେ, ଆପଣମାନଙ୍କର ଭାଇ,

ପାଳକ ଏସ୍.ସାମ୍.ସେଲ୍‌ଭାରାଜ

E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବିରୁଦ୍ଧରେ ସଫଳ ହେବା ପାଇଁ ଶୟତାନକୁ ଅନୁମତି ଦେଇ ନାହାନ୍ତି – ଏହା କେଡ଼େ ସାନ୍ତ୍ୱନା ପ୍ରଦାନ କରେ ! ଆପଣମାନେ ଯେପରି ନିଜ ନିଜ ନିମନ୍ତେ ମଧ୍ୟ ଏହି ପ୍ରତିଜ୍ଞାକୁ ଦାବୀ କରିବେ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି ।

ଈଶ୍ୱର ମୋର କ୍ଷତି କରିବା ପାଇଁ କାହାରିକୁ ଅନୁମତି ଦେଇ ନ ଥିଲେ !

ଏହା ଏପରି ଜଣେ ବ୍ୟକ୍ତିଙ୍କର ଉକ୍ତି ଥିଲା, ଯିଏ ନିଜେ ଦିନେ ନିଜର ଭାଇଙ୍କୁ ଠକିଥିଲେ ଓ ଆଶୀର୍ବାଦ ପାଇବା ଚେଷ୍ଟାରେ ନିଜର ପିତା ଓ ଅନ୍ୟମାନଙ୍କୁ ମଧ୍ୟ ପ୍ରତାରିତ କରିଥିଲେ । ତଥାପି, ଯାକୁବଙ୍କ ଜୀବନରେ କିଛି ଅସାଧାରଣ ଘଟଣା ଘଟିଥିଲା । ସେ ମାନବ କୌଶଳ ମାଧ୍ୟମରେ ଆଶୀର୍ବାଦ ଅନ୍ୱେଷଣ କରୁଥିବା ଜଣେ ବ୍ୟକ୍ତିରୁ ପ୍ରକୃତ ଆଶୀର୍ବାଦ ନିମନ୍ତେ ଈଶ୍ୱରଙ୍କ ସହିତ ସଂଘର୍ଷ କରିଥିବା ବ୍ୟକ୍ତିରେ ପରିଣତ ହୋଇଥିଲେ ।

ଯାକୁବଙ୍କ କାହାଣୀ ପ୍ରକୃତରେ ଚିତ୍ତାକର୍ଷକ ଅଟେ । ଏହା ଏପରି ଏକ ଯାତ୍ରା ଅଟେ ଯେଉଁଠାରେ ପ୍ରତାରକ ପ୍ରତାରିତ ହୋଇଛି ଓ ଯିଏ ଦିନେ ଚତୁର ଭାବରେ କାର୍ଯ୍ୟ କରିଥିଲା, ସେ ଶେଷରେ ନମ୍ର ହୋଇଛି । ଯାକୁବଙ୍କର ତ୍ରୁଟି, ବିଫଳତା ଓ ସଂଘର୍ଷ ସତ୍ତ୍ୱେ, ଈଶ୍ୱର ତାଙ୍କ ସହିତ ରହିଥିଲେ । ଯାକୁବଙ୍କର ଭୁଲ ଓ ତ୍ରୁଟିପୂର୍ଣ୍ଣ ମନୋନୟନ ଦ୍ୱାରା ମଧ୍ୟ, ଈଶ୍ୱର ନିଜର ଉଦ୍ଦେଶ୍ୟ ସାଧନ କରିବା ଅବ୍ୟାହତ ରଖିଥିଲେ ।

ଯେତେବେଳେ ଆମେ ଆଦିପୁସ୍ତକ ୩୧ ଅଧ୍ୟାୟ ପାଠ କରୁ, ସେତେବେଳେ ଆମେ ଏକ ଶକ୍ତିପୂର୍ଣ୍ଣ ସତ୍ୟ ଦେଖୁ : ଈଶ୍ୱର ନିଜର ଯୋଜନା ସଫଳ କରିବା ପାଇଁ ଯେ କୌଣସି ପରିସ୍ଥିତିକୁ ବ୍ୟବହାର କରିପାରନ୍ତି ।

ଏପରିକି ଯେତେବେଳେ ଯାକୁବ ଦୌଡ଼ୁଥିଲେ, ସଂଘର୍ଷ କରୁଥିଲେ କିମ୍ବା ଭୟର ସହିତ କାର୍ଯ୍ୟ କରୁଥିଲେ, ସେତେବେଳେ ମଧ୍ୟ ଈଶ୍ୱର ତାଙ୍କର ଭବିଷ୍ୟତକୁ ଗଢ଼ୁଥିଲେ, ସୁରକ୍ଷା ଦେଉଥିଲେ ଓ ଗଠନ କରୁଥିଲେ । କୌଣସି ବିଷୟ ତାଙ୍କ ଦୃଷ୍ଟିରୁ ଖସିଯାଏ ନାହିଁ ।

ଯଦି ଆମେ ଅତି ନିକଟରୁ ଯାକୁବଙ୍କ ଜୀବନ ପ୍ରତି ଦୃଷ୍ଟିପାତ କରିବା, ତେବେ ଜଣେ ଚତୁର, ଧୂର୍ତ୍ତ ଓ କୁଶଳୀ ବ୍ୟକ୍ତିଙ୍କୁ ଦେଖିବା । ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରିବାକୁ ହେବ, ଏହା ସେ ଜାଣିଥିଲେ । ସେ ନିଜ ଭାଇ ଏଷୌଙ୍କର ଜ୍ୟେଷ୍ଠାଧିକାର ପ୍ରାପ୍ତ ହୋଇଥିଲେ ଓ ପ୍ରତାରଣା ମାଧ୍ୟମରେ ନିଜ ପିତାଙ୍କ ଆଶୀର୍ବାଦ ହରଣ କରିଥିଲେ । ଯାକୁବ ନିଜ ଚେଷ୍ଟା ଦ୍ୱାରା ଈଶ୍ୱରଙ୍କ ଦୟା ପାଇପାରିବେ ବୋଲି ବିଶ୍ୱାସ କରୁଥିଲେ – ମାତ୍ର ପରେ ସେ ଏହା ଉପଲବ୍ଧି କରିଥିଲେ ଯେ ମନୁଷ୍ୟର ଚେଷ୍ଟାରୁ ନୁହେଁ, ମାତ୍ର ଈଶ୍ୱରଙ୍କଠାରୁ ହିଁ ପ୍ରକୃତ ଆଶୀର୍ବାଦ ଆସେ ।

ସେଥିପାଇଁ ଈଶ୍ୱର କୋମଳ ଭାବରେ ନୁହେଁ, ମାତ୍ର ଶକ୍ତିରେ ସ୍ନେହକୁ ପରିସ୍ଫୁଟ କରିବା ଭଳି ତାଙ୍କୁ ପରିମାର୍ଜିତ କରିଥିଲେ । ସେ ଯାକୁବଙ୍କୁ ପ୍ରତାରଣା, କଷ୍ଟ, ଭୟ ଓ



ମୁଁ ତୁମକୁ ଛାଡ଼ିବି ନାହିଁ

ସଂଘର୍ଷର ଅନୁଭୂତି ପ୍ରଦାନ କରିଥିଲେ ଓ ଶେଷରେ ଯାକୁବ ଏକ ଭଗ୍ନ ହେବାର ସ୍ଥିତିରେ ପହଞ୍ଚି କ୍ରନ୍ଦନ କରିଥିଲେ :

''ତୁମେ ମୋତେ ଆଶୀର୍ବାଦ ନ କଲେ, ମୁଁ ତୁମକୁ ଛାଡ଼ିବି ନାହିଁ'' (ଆଦିପୁସ୍ତକ ୩୨:୨୬) ।

ଏହି ପରିବର୍ତ୍ତନ ରାତାରାତି ଘଟି ନ ଥିଲା । ଈଶ୍ୱର ଯାକୁବଙ୍କୁ ଏକ ଦୀର୍ଘ ଓ କଷ୍ଟକର ଯାତ୍ରା ମଧ୍ୟ ଦେଇ କଢ଼ାଇ





## ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତରେ ''ଆହ୍ୱାନର ପ୍ରତିଧ୍ୱନି''କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତିଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

ECHO OF HIS CALL,
10, Mohammed Abdullah 2nd Street, Chepauk, Chennai-600 005, India
Cell: (+91) 98412 71858 / 98410 71858 E.mail: sam@echoofhiscall.org

ନେଉଥିଲେ । ତଥାପି ଏହା ଭିତରେ ମଧ୍ୟ, ଈଶ୍ୱର ସବୁକିଛି ନିଜ ନିୟନ୍ତ୍ରଣରେ ରଖିଥିଲେ । ସେ ଯାକୁବଙ୍କୁ ବିନଷ୍ଟ କରିବା ପାଇଁ ମନୁଷ୍ୟମାନଙ୍କର ଷଡ଼ଯନ୍ତ୍ରକୁ ସଫଳ ହେବାକୁ ଦେଇ ନ ଥିଲେ କାରଣ ତାଙ୍କର ଯୋଜନା ଯାକୁବଙ୍କର ଭୁଲ୍ ଅପେକ୍ଷା ଅଧିକ ବଡ଼ ଥିଲା ।

## ୧. ଈଶ୍ୱର ଲୋକମାନଙ୍କର ମନ୍ତ୍ରଣାକୁ ଅବରୋଧ କରନ୍ତି !

ଆମେ ଯାକୁବଙ୍କ ଜୀବନରେ ଏକ ବଡ଼ ଶିକ୍ଷଣୀୟ ବିଷୟ ଦେଖୁ । ନିଜ ପିତା ଓ ଭାଇକୁ ପ୍ରତାରଣା କରିବା ପରେ, ଯାକୁବ ନିଜ ଭବିଷ୍ୟତକୁ ସୁରକ୍ଷିତ ରଖୁଛନ୍ତି ବୋଲି ଭାବିଥିଲେ । ମାତ୍ର ଈଶ୍ୱର ତାଙ୍କୁ ଏକ ଗଭୀରତର ସତ୍ୟ ଶିକ୍ଷା ଦେବାକୁ ଇଚ୍ଛା କରିଥିଲେ : ''ଆମେ ଆଶୀର୍ବାଦର ପ୍ରକୃତ ଉତ୍ସ ଅଟୁ ।''



ଦଶଥର ମୋହର ବର୍ତ୍ତନ ପରିବର୍ତ୍ତନ କରିଥିଲେ ।

ଏହା ଶିକ୍ଷା କରିବା ପାଇଁ, ଯାକୁବ ନିଜର ମାମୁଁଙ୍କ ସହିତ ବାସ କରିଥିଲେ । ତାଙ୍କ ମାମୁଁ, ଲାବନ ଯାକୁବଙ୍କୁ ତାଙ୍କ ନିଜ ଔଷଧର ସ୍ୱାଦ ଚଖାଇଥିଲେ । ଧର୍ମଶାସ୍ତ୍ରରେ ଲେଖାଯାଇଛି ଯେ ଲାବନ ''...ଦଶଥର ମୋର (ଯାକୁବଙ୍କର) ବର୍ତ୍ତନ ପରିବର୍ତ୍ତନ କରିଥିଲେ'' (ଆଦିପୁସ୍ତକ ୩୧:୭) । ସେ ଯାକୁବଙ୍କ ପ୍ରତି ପ୍ରତାରଣା କରିବା ପାଇଁ, ତାଙ୍କୁ ଠକିବା ପାଇଁ ଓ ତାଙ୍କଠାରୁ ସୁବିଧା ହାସଲ କରିବା ପାଇଁ ଚେଷ୍ଟା କରିଥିଲେ ।

ଈଶ୍ୱର ଗୋଟିଏ ଉଦ୍ଦେଶ୍ୟ ଯୋଗୁ ଏହାକୁ ଅନୁମତି ଦେଇଥିଲେ ଯେପରିକି ଯାକୁବ ପ୍ରତାରିତ ହେବା କିପରି ଅନୁଭବ ଦିଏ ଓ ମନୁଷ୍ୟର ଚେଷ୍ଟା ଅପେକ୍ଷା ଈଶ୍ୱରଙ୍କ ଉପରେ କିପରି ନିର୍ଭର କରିବାକୁ ହୁଏ, ତାହା ବୁଝିପାରିବେ ।

ତଥାପି, ଏହି ପରିମାର୍ଜିତ କରିବା ପ୍ରକ୍ରିୟା ସମୟରେ, ଈଶ୍ୱର ଏକ ସୀମା ନିର୍ଦ୍ଧାରଣ କରିଥିଲେ । ଏପରି ଗୋଟିଏ ସୀମା ଥିଲା, ଯାହାକୁ ଲାବନ ଅତିକ୍ରମ କରି ପାରି ନ ଥିଲେ । ଯାକୁବ ବିଶ୍ୱାସର ସହିତ ଘୋଷଣା କରିଥିଲେ :

''...ପରମେଶ୍ୱର ତାଙ୍କୁ ମୋହର କ୍ଷତି କରିବାକୁ ଦେଇ ନାହାନ୍ତି'' (ଆଦିପୁସ୍ତକ ୩୧:୭) ।

ଏହା ଈଶ୍ୱରଙ୍କ ସନ୍ତାନମାନଙ୍କ ବିରୁଦ୍ଧରେ ରଚା ଯାଉଥିବା ପ୍ରତ୍ୟେକ ଷଡ଼ଯନ୍ତ୍ରର ଏକ ସ୍ୱର୍ଗୀୟ ସୀମା ରହିଛି ବୋଲି ଏକ ଶକ୍ତିପୂର୍ଣ୍ଣ ଶିକ୍ଷାକୁ ପ୍ରକାଶ କରେ ।

- ଈଶ୍ୱର ମନୁଷ୍ୟର ପ୍ରତ୍ୟେକ ଯୋଜନାରେ ଏକ ସୀମା ନିର୍ଦ୍ଧାରଣ କରିଛନ୍ତି ।
- ପ୍ରତ୍ୟେକ ଆକ୍ରମଣକୁ ତାଙ୍କର କର୍ତ୍ତୃତ୍ୱ ଦ୍ୱାରା ପ୍ରତିରୋଧ କରାଯାଏ ।
- ସେଥିପାଇଁ ଆମେ ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛୁ । ପ୍ରଭୁଙ୍କର ପ୍ରଶଂସା ହେଉ ।

ଯିଶାଇୟ ୫୪:୧୭ ଆମକୁ ସ୍ମରଣ କରାଇ ଦେଉଛି :

''ଯେ କୌଣସି ଅସ୍ତ୍ର ତୁମ୍ଭ ପ୍ରତିକୂଳରେ ନିର୍ମିତ ହୁଏ, ତାହା ସାର୍ଥକ ହେବ ନାହିଁ ...।''

ଅସ୍ତ୍ରଶସ୍ତ୍ର ନିର୍ମିତ ହୋଇପାରେ ।

ଆକ୍ରମଣ କରାଯାଇପାରେ ।

ଆପଣଙ୍କର ପରିବାର, ବିବାହ, ବ୍ୟବସାୟ, ସେବାକାର୍ଯ୍ୟ କିମ୍ବା ଆହ୍ୱାନ ପ୍ରତିକୂଳରେ ଯୋଜନା ପ୍ରସ୍ତୁତ କରାଯାଇପାରେ ।

ମାତ୍ର ଯେ ପର୍ଯ୍ୟନ୍ତ ଆମେ ପ୍ରଭୁଙ୍କ ସହିତ ଘନିଷ୍ଠ ହୋଇ - ବିଶ୍ୱସ୍ତ ଭାବରେ ଓ ଅନ୍ତରଙ୍ଗ ଭାବରେ ଗମନାଗମନ କରୁଥାଉ, ସେପର୍ଯ୍ୟନ୍ତ ଶେଷରେ ଆମ ପ୍ରତିକୂଳରେ କୌଣସି ବିଷୟ ସଫଳ ହେବ ନାହିଁ ।

ଈଶ୍ୱର ଲୋକମାନଙ୍କର ମନ୍ତ୍ରଣାକୁ ଅବରୋଧ କରନ୍ତି ।

## ୨. ଈଶ୍ୱର ଦୃଶ୍ୟ ଓ ଅଦୃଶ୍ୟ ବିଷୟ ଗୁଡ଼ିକରୁ ଆମକୁ ସୁରକ୍ଷା ଦିଅନ୍ତି ।

ଆମେ ପ୍ରାୟତଃ, ଦେଖିପାରୁଥିବା ବିପଦଗୁଡ଼ିକ ବିଷୟରେ ପ୍ରମାଣ ଦେଉ, ମାତ୍ର ଆମେ ଏପରି ଅସଂଖ୍ୟ ଅଦେଖା ବିପଦଗୁଡ଼ିକୁ ଭୁଲି ଯାଉ ଯେଉଁ ଗୁଡ଼ିକରୁ ଈଶ୍ୱର ଆମକୁ ସୁରକ୍ଷା ଦିଅନ୍ତି ।



ପଶୁମାନେ ହିଂସ୍ର ଜନ୍ତୁଗୁଡ଼ିକ ଦ୍ୱାରା ବିଦୀର୍ଣ୍ଣ ହୋଇଥିଲେ ।

ଯାକୁବ ତାଙ୍କର ବେତନ ପରିବର୍ତ୍ତନ କରିଥିବା ଲାବନଙ୍କ ବିଷୟରେ କହିଥିଲେ, ମାତ୍ର ଅନେକ ଲୁକ୍କାୟିତ ବିପଦ ମଧ୍ୟ ଥିଲା । ସେ କହିଥିଲେ :

''...ହିଂସକ ଜନ୍ତୁ ଯାହାକୁ ଖଣ୍ଡିଆ କଲା, ... ସେ କ୍ଷତି ଆପେ ସହିଲି'' (ଆଦିପୁସ୍ତକ ୩୧:୩୯) ।

ଯଦି ହିଂସ୍ର ଜନ୍ତୁମାନେ ପଶୁପଲକୁ ଆକ୍ରମଣ କରୁଥିଲେ, ତେବେ ବାଉଦ ମଧ୍ୟ ନିଜେ ବିପଦରେ ଥିଲେ । ଚୋର, ହିଂସ୍ର ଜନ୍ତୁ ଓ ରାତ୍ରିକାଳୀନ ଆକ୍ରମଣର ବିପଦ ଥିଲା - ମାତ୍ର ଈଶ୍ୱର ତାଙ୍କୁ ସୁରକ୍ଷିତ ରଖିଥିଲେ ।

ଯାକୁବ ପ୍ରତ୍ୟେକଟି ବିପଦ ବିଷୟରେ ଜାଣିପାରୁ ନ ଥିଲେ, ମାତ୍ର ଈଶ୍ୱର ସେହିସବୁକୁ ଅବରୋଧ କରିଥିଲେ ।

ସଦାପ୍ରଭୁ ନୀରବରେ ତାଙ୍କ ଜୀବନର ପ୍ରତ୍ୟେକଟି ବିଷୟ ଉପରେ ଦୃଷ୍ଟି ରଖିଥିଲେ ।

''ସଦାପ୍ରଭୁ ସମସ୍ତ ଅମଙ୍ଗଳରୁ ତୁମ୍ଭକୁ ରକ୍ଷା କରିବେ...'' (ଗୀତସଂହିତା ୧୨୧:୭) ।

ଆମେ ସବୁ ସମୟରେ ଆମର ପ୍ରିୟଜନମାନଙ୍କ ଉପରେ ଦୃଷ୍ଟି ରଖିପାରିବା ନାହିଁ - ମାତ୍ର ଈଶ୍ୱର ପାରିବେ ।

ସେ ଆମକୁ କେତୋଟି ଅଦେଖା ବିପଦରୁ ରକ୍ଷା କରିଛନ୍ତି ?

ଆମେ କେତୋଟି ଫାନ୍ଦକୁ ଲକ୍ଷ୍ୟ କରି ପାରି ନାହୁଁ ?

ତାଙ୍କର ଦୟା ଆମକୁ ଜୀବିତ ରଖିଛି ।

ଗୀତସଂହିତା ୧୩୯ ଆମକୁ ଏହା ସ୍ମରଣ କରାଇ ଦିଏ ଯେ କୌଣସି ବିଷୟ ଈଶ୍ୱରଙ୍କଠାରୁ ଲୁକ୍କାୟିତ ନୁହେଁ ।

ଯେତେବେଳେ କି ଆମର ପ୍ରାର୍ଥନାର ପ୍ରତ୍ୟୁତ୍ତରରେ କିଛି ଘଟୁ ନାହିଁ ବୋଲି ଆମେ ଅନୁଭବ କରୁ, ସେତେବେଳେ ଈଶ୍ୱର ଦୃଶ୍ୟର ପଛରେ ରହି-ନିଜର ସଠିକ୍ ସମୟ ପାଇଁ କାର୍ଯ୍ୟ କରୁଥାନ୍ତି (କାଇରୋସ) ।

ଆମେ ଈଶ୍ୱରଙ୍କୁ କାର୍ଯ୍ୟ କରୁଥିବାର ଦେଖି ନ ପାରିଲେ ମଧ୍ୟ, ସେ ଆମ ଉପରେ ଦୃଷ୍ଟି ରଖିଥାଆନ୍ତି ।

## ୩. ଈଶ୍ୱର ମନୁଷ୍ୟର ନିଷ୍ପତ୍ତିଗୁଡ଼ିକର ଉପରେ ନିଜେ ନିଷ୍ପତ୍ତି ନିଅନ୍ତି ।

ଈଶ୍ୱରଙ୍କର ପ୍ରିୟ ସନ୍ତାନ, ଲୋକମାନେ ହୁଏତ ଆପଣଙ୍କ ଜୀବନ ସମ୍ବନ୍ଧରେ ଅନେକ ଯୋଜନା କରିପାରନ୍ତି, ମାତ୍ର ମନୁଷ୍ୟର ପ୍ରତ୍ୟେକ ନିଷ୍ପତ୍ତିକୁ ଖଣ୍ଡନ କରିବା ପାଇଁ ଈଶ୍ୱରଙ୍କର ଶକ୍ତି ଅଛି ।

ଯାକୁବଙ୍କ ଜୀବନରେ, ଲାବନ ବାରମ୍ବାର ସର୍ତ୍ତଗୁଡ଼ିକୁ ପରିବର୍ତ୍ତନ କରିଥିଲେ - ମାତ୍ର ପ୍ରତ୍ୟେକ ଥର, ଈଶ୍ୱର ଫଳାଫଳକୁ ପରିବର୍ତ୍ତନ କରିଥିଲେ ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୬), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୬ ଜୁନ ୧୯ ରୁ ଜୁଲାଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଜୁନ ୧୯ ⇨ ୧୬ଟି ଭାଷାରେ ଆମର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାକୁ ପ୍ରତ୍ୟେକ ଥର ଠିକ୍ ସମୟରେ ପ୍ରକାଶ କରିବାରେ ଆମକୁ ବିଶ୍ୱସ୍ତ
⇨ ଭାବରେ ସାହାଯ୍ୟ କରୁଥିବା ସମର୍ପିତ ସହଯୋଗୀ ସଂପାଦକ ମାନଙ୍କୁ ଯୋଗାଇଥିବାରୁ ।

ଜୁନ ୨୦ ⇨ ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ଗୁଡ଼ିକରେ ଛାତ୍ରମାନଙ୍କୁ ଆଡ଼ମିଶନ ହେବାରେ ଆମକୁ ସାହାଯ୍ୟ କରିଥିବାରୁ ।

ଜୁନ ୨୧ ⇨ ୧୯୬୯ ରୁ, ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଉପରେ ନିରନ୍ତର ଆଶୀର୍ବାଦ କରିଥିବାରୁ ।

ଜୁନ ୨୨ ⇨ ୨୦୨୬ ଏପ୍ରିଲ ୧୦ରେ ଅନୁଷ୍ଠିତ ହୋଇଥିବା ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲର ବାର୍ଷିକୋତ୍ସବ ଓ ଶିଶୁଶ୍ରେଣୀର ଉପାଧି ପ୍ରଦାନ ଉତ୍ସବ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୩ ⇨ ଆମର ସ୍ୱେଚ୍ଛାସେବକମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ନିମନ୍ତେ ।

ଜୁନ ୨୪ ⇨ ସେଣ୍ଟ ପଲସ୍ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ସଫଳ ଭାବରେ ୨୦୨୫-୨୦୨୬ ଶିକ୍ଷା ବର୍ଷକୁ ସମାପ୍ତ କରିଥିବାରୁ ।

ଜୁନ ୨୫ ⇨ "ଆହ୍ୱାନର ପ୍ରତିଧ୍ୱନି"ର ମୁଖ୍ୟ ମଣ୍ଡଳୀର ଓ ଏହାର ଶାଖା ମଣ୍ଡଳୀ ଗୁଡ଼ିକର ନେତା ଓ ବିଶ୍ୱାସୀମାନଙ୍କୁ ଆଶୀର୍ବାଦ କରିଥିବାରୁ ।

ଜୁନ ୨୬ ⇨ ଆମର ସାଂଧ୍ୟ ନିହିମିୟା ବାଇବଲ କଲେଜ ସଫଳ ଭାବରେ ୨୦୨୫-୨୦୨୬ ଶିକ୍ଷା ବର୍ଷକୁ ସଂପୂର୍ଣ୍ଣ କରିଥିବାରୁ ।

ଜୁନ ୨୭ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ଅନୁଷ୍ଠିତ ହୋଇଥିବା ଛୁଟିଦିବସୀୟ ବାଇବଲ ସ୍କୁଲ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୮ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ, ମହା ଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ନିମନ୍ତେ ।

ଜୁନ ୨୯ ⇨ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀରେ ପ୍ରସାରିତ ଆମର "ଆହ୍ୱାନର ପ୍ରତିଧ୍ୱନି" ୟୁ-ଟ୍ୟୁବ୍ ବାର୍ତ୍ତାଗୁଡ଼ିକ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୩୦ ⇨ ଆଜି ପର୍ଯ୍ୟନ୍ତ ସେବାକାର୍ଯ୍ୟକୁ ବଞ୍ଚାଇରଖି ପରିଚାଳନା କରିବାରେ ଆମର ସଫଳ ଚେଷ୍ଟା ନିମନ୍ତେ ।

ଜୁଲାଇ ୧ ⇨ ଆମର "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟର କାର୍ଯ୍ୟକାରୀ ଓ ସେମାନଙ୍କ ପରିବାରଗୁଡ଼ିକୁ ଆଶୀର୍ବାଦ ଓ ସୁରକ୍ଷା ଦେଇଥିବାରୁ ।

ଜୁଲାଇ ୨ ⇨ ଯୁବା ଓ ପିଲାମାନଙ୍କର ମଙ୍ଗଳ ପାଇଁ ଆମର "ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର ସେବାକାର୍ଯ୍ୟ"କୁ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୩ ⇨ ୨୦୨୬ ମଇ ୧୬ ତାରିଖରେ ଅନୁଷ୍ଠିତ ହୋଇଥିବା ଆମର ନିହିମିୟା ବାଇବଲ କଲେଜର ପୁରାତନ ଛାତ୍ର ସମ୍ମିଳନୀ ଉପରେ ଆଶୀର୍ବାଦ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଜୁଲାଇ ୪ ⇨ ମାରାତ୍ମକ ରୋଗ ଓ ବିପଦ ଦ୍ୱାରା ଆକ୍ରାନ୍ତ ସମସ୍ତ ଜଗତର ଲୋକମାନଙ୍କର ଉଦ୍ଧାର ନିମନ୍ତେ ।

ଜୁଲାଇ ୫ ⇨ ଏହି ମାସ ପାଇଁ ସମସ୍ତ ଅର୍ଥ ଆବଶ୍ୟକତା ପୂରଣ କରିବା ନିମନ୍ତେ ।

ଜୁଲାଇ ୬ ⇨ ଯେଉଁ ଯୁବା ଓ ପିଲାମାନେ ନିଶାସକ୍ତ ଅଟନ୍ତି ଓ ନିୟମିତ ଭାବରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଯୋଗ ଦେଉ ନାହାନ୍ତି, ସେମାନଙ୍କର ଉଦ୍ଧାର ନିମନ୍ତେ ।

ଜୁଲାଇ ୭ ⇨ ସମଗ୍ର ପୃଥିବୀରେ ଅନୁଷ୍ଠିତ ହୋଇଥିବା ଛୁଟିଦିବସୀୟ ବାଇବଲ ସ୍କୁଲ ସମୟରେ ପରିତ୍ରାଣ ପାଇଥିବା ପିଲା ଓ ଯୁବାମାନଙ୍କ ନିମନ୍ତେ ।

ଜୁଲାଇ ୮ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ସେଣ୍ଟ ପଲସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ଼ମିଶନ ନିମନ୍ତେ ।

ଜୁଲାଇ ୯ ⇨ ୨୦୨୬-୨୦୨୭ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାଂଧ୍ୟ ନିହିମିୟା କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡ଼ମିଶନ ନିମନ୍ତେ ।

ଜୁଲାଇ ୧୦ ⇨ ଦୁର୍ଗମ ଅଞ୍ଚଳରେ ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରୁଥିବା ମିଶନେରୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଜୁଲାଇ ୧୧ ⇨ ପିଲାମାନଙ୍କୁ ଓ ଯୁବାମାନଙ୍କୁ ପ୍ରତିପାଳନ କରୁଥିବା ପିତାମାତାଙ୍କୁ ସ୍ୱର୍ଗୀୟ ଚାଳନା ହେବା ନିମନ୍ତେ ।

ଜୁଲାଇ ୧୨ ⇨ ଯୁବ ପିଢ଼ୀ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଆମର "ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର" ସେବାକାର୍ଯ୍ୟରେ ଯେପରି ଅଧିକ ଲୋକ ଯୋଗ ଦେବେ ।

ଜୁଲାଇ ୧୩ ⇨ ଈଶ୍ୱର ଯେପରି "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ ପାଇଁ ଅଧିକରୁ ଅଧିକ ସମର୍ପିତ କାର୍ଯ୍ୟକାରୀ ପ୍ରେରଣ କରିବେ ।

ଜୁଲାଇ ୧୪ ⇨ ସମଗ୍ର ପୃଥିବୀସ୍ଥିତ ସମସ୍ତ ସଂପ୍ରଦାୟର ମଣ୍ଡଳୀଗୁଡ଼ିକର ପୁନର୍ଜାଗରଣ ନିମନ୍ତେ ।

ଜୁଲାଇ ୧୫ ⇨ ଈଶ୍ୱର ଯେପରି ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍ଭାରାଜ, ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ନିରନ୍ତର ସୁରକ୍ଷା ଦେବେ ।

ଜୁଲାଇ ୧୬ ⇨ ଈଶ୍ୱର ଯେପରି ପୃଥିବୀରେ ତାଙ୍କ ରାଜ୍ୟ ନିର୍ମାଣ ପାଇଁ ଆମକୁ ଶ୍ରେଷ୍ଠତର ଦର୍ଶନ ପ୍ରଦାନ କରିବେ ।

ଜୁଲାଇ ୧୭ ⇨ ସମଗ୍ର ପୃଥିବୀରେ ଯେପରି ଶାନ୍ତି ପ୍ରତିଷ୍ଠା ହେବ ।

ଜୁଲାଇ ୧୮ ⇨ ଆମର ବରିଷ୍ଠ ପାଳକଙ୍କର "ଆତ୍ମ-ଜୀବନୀ" ପୁସ୍ତକର ସଫଳ ସମାପ୍ତି ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଯଦି ଈଶ୍ୱର ଯାକୁବଙ୍କ ନିମନ୍ତେ ତାହା କରିଥିଲେ, ତେବେ ସେ ଆପଣଙ୍କ ନିମନ୍ତେ ମଧ୍ୟ ତାହା କରିପାରିବେ ।

ଏପରି ପରିସ୍ଥିତି ଥାଇପାରେ ଯାହା ଆପଣଙ୍କ ପ୍ରତିକୂଳରେ କାର୍ଯ୍ୟ କରୁଥାଏ : ଯଥା -

- ଗୋଟିଏ ବିଚାର
- ଗୋଟିଏ ରୋଗର ନିର୍ଣ୍ଣୟ
- ଗୋଟିଏ ପରୀକ୍ଷା ଫଳ
- ଅନ୍ୟମାନଙ୍କ ଦ୍ୱାରା ଗୃହୀତ ଏକ ନିଷ୍ପତ୍ତି ।

ମାତ୍ର ଈଶ୍ୱର ସେଗୁଡ଼ିକୁ ଖଣ୍ଡନ କରିପାରନ୍ତି ।



*ଆମେ ତାଙ୍କ ନିକଟକୁ ଆସି ପ୍ରାର୍ଥନା କରିବା ଆବଶ୍ୟକ*

ଆମେ ସମସ୍ତେ ତାଙ୍କ ନିକଟକୁ ଆସି ଏହି ପ୍ରାର୍ଥନା କରିବା ଆବଶ୍ୟକ :

''ପ୍ରଭୋ, ତୁମେ ମୋର ପିତା, ମୁଁ ତୁମର ସନ୍ତାନ ଅଟେ । ଦୟାକରି ମୋତେ ସାହାଯ୍ୟ କର ।''

ଯେତେବେଳେ ଆମେ ନିଜ ନିଜକୁ ନମ୍ର କରୁ, ଆମର ପାପ ସ୍ୱୀକାର କରୁ ଓ ତାଙ୍କର ସାହାଯ୍ୟ லୋଡୁ, ସେତେବେଳେ ସେ ଆମକୁ ଦୟା ଓ ଶକ୍ତି ପ୍ରଦାନ କରନ୍ତି ।

''...ଯେ ଫିଟାଇଲେ, କେହି ବନ୍ଦ କରି ନ ପାରେ, ଆଉ ବନ୍ଦ କଲେ, କେହି ଫିଟାଇ ନ ପାରେ'' (ପ୍ରକାଶିତ ବାକ୍ୟ ୩:୭) ।

ମାନବ କର୍ତ୍ତୃତ୍ୱ ବାସ୍ତବ ଅଟେ - ମାତ୍ର ଈଶ୍ୱରଙ୍କ ସାର୍ବଭୌମ ଅନ୍ତିମ ଅଟେ ।

## ୪. ଈଶ୍ୱର ପ୍ରତ୍ୟେକ ଅନ୍ୟାୟକୁ ବୃଦ୍ଧିରେ ପରିଣତ କରନ୍ତି ।

ବେଳେବେଳେ, ଆମେ ବିଶ୍ୱସ୍ତ ଭାବରେ ଜୀବନ କାଟିଲେ ସୁଦ୍ଧା, ଜୀବନ ଅନ୍ୟାୟପୂର୍ଣ୍ଣ ମନେହୁଏ । ଆମେ ହୁଏତ ଭାବୁ



- ମୁଁ ଈଶ୍ୱରଙ୍କୁ ଭୟ କରେ - ତେବେ ମୁଁ କାହିଁକି ଅନ୍ୟମାନଙ୍କ ଭଳି ଆଶୀର୍ବାଦପ୍ରାପ୍ତ ହୁଏନି ?
- ଯେଉଁମାନେ ଈଶ୍ୱରଙ୍କୁ ଅବଜ୍ଞା କରନ୍ତି, ସେମାନେ କାହିଁକି ଉନ୍ନତି କରିବା ଭଳି ମନେହୁଅନ୍ତି ?
- ଧାର୍ମିକଭାବରେ ବଞ୍ଚିବାର କୌଣସି ମୂଲ୍ୟ ଅଛି କି ?

ପ୍ରିୟ ବନ୍ଧୁଗଣ, ଜଗତରେ ଯାହା ଉନ୍ନତି କରିବା ଭଳି ଦିଶେ, ତାହା ପ୍ରାୟ କ୍ଷଣସ୍ଥାୟୀ ଅଟେ । ମାତ୍ର ଆପଣ ଯେଉଁ ପ୍ରତ୍ୟେକଟି ଅନ୍ୟାୟର ସମ୍ମୁଖୀନ ହୁଅନ୍ତି, ସେହି ପ୍ରତ୍ୟେକକୁ ଈଶ୍ୱର ଆପଣଙ୍କୁ ଶକ୍ତିଯୁକ୍ତ କରିବା ପାଇଁ, ବୃଦ୍ଧି କରିବା ପାଇଁ ଓ ଉଚ୍ଚୀକୃତ କରିବା ପାଇଁ ବ୍ୟବହାର କରିବେ ।

### ଯାକୁବଙ୍କ ପ୍ରତି ଦୃଷ୍ଟିପାତ କରନ୍ତୁ

ଯେତେବେଳେ ଲାବନ କହିଲେ, ''ଚିତ୍ର ବିଚିତ୍ର ପଶୁ'' ତୁମ୍ଭର ହେବ, ସେତେବେଳେ ଈଶ୍ୱର ପଶୁପଲକୁ ଚିତ୍ର ବିଚିତ୍ର କରିଥିଲେ ।



*ଯେତେବେଳେ ଲାବନ କହିଲେ, ''ଚିତ୍ର ବିଚିତ୍ର ପଶୁ'' ତୁମ୍ଭର ହେବ, ସେତେବେଳେ ଈଶ୍ୱର ପଶୁପଲକୁ ଚିତ୍ର ବିଚିତ୍ର କରିଥିଲେ ।*

ଯେତେବେଳେ ଲାବନ କହିଲେ, ''ରେଖାଙ୍କିତ'', ସେତେବେଳେ ଈଶ୍ୱର ସେଗୁଡ଼ିକୁ ରେଖାଙ୍କିତ କରିଥିଲେ । ଲାବନ ଯେତେ ଅଧିକ ଅତ୍ୟାଚାର କଲେ, ଈଶ୍ୱର ଯାକୁବଙ୍କୁ ସେତେ ଅଧିକ ଉନ୍ନତ କରିଥିଲେ ।

''...ଯେଉଁମାନେ ସଦାପ୍ରଭୁଙ୍କୁ ପ୍ରେମ କରନ୍ତି, ସମସ୍ତ ଘଟଣା ମିଶି ସେମାନଙ୍କର ମଙ୍ଗଳ କରୁଥାଏ'' (ରୋମୀୟ ୮:୨୮) ।

ଏପରିକି ଅନ୍ୟାୟ ମଧ୍ୟ ଈଶ୍ୱରଙ୍କ ହସ୍ତରେ ଏକ ଉପକରଣ ହୋଇଯାଏ ।

ଆପଣଙ୍କ ପ୍ରତି ଅସଦାଚରଣ କରୁଥିବା ଲୋକମାନଙ୍କୁ ଭୟ କରନ୍ତୁ ନାହିଁ ।

ଯେଉଁମାନେ ଆପଣଙ୍କ ପ୍ରତି ଅନ୍ୟାୟ କରୁଛନ୍ତି, ସେମାନଙ୍କ ସକାଶେ ନିରାଶ ହୁଅନ୍ତୁ ନାହିଁ ।

ଈଶ୍ୱର ଶତ୍ରୁର ମନ୍ଦ ଉଦ୍ଦେଶ୍ୟକୁ ଆଶୀର୍ବାଦରେ ପରିଣତ କରିବେ ।

ତାଙ୍କୁ ଧରି ରଖନ୍ତୁ - ସେ ପ୍ରତ୍ୟେକ ଅନ୍ୟାୟକୁ ଆପଣଙ୍କ ବୃଦ୍ଧିରେ ପରିଣତ କରିବେ ।

## ୫. ଯଦି ଈଶ୍ୱର ଆପଣଙ୍କୁ ଏହା ମଧ୍ୟକୁ ନେଇଛନ୍ତି, ତେବେ ସେ ଆପଣଙ୍କୁ ଏହା ମଧ୍ୟରୁ ବାହାର କରିବେ ।

ଯାକୁବ ନିଜର ଜୀବନ ବଞ୍ଚାଇବା ପାଇଁ ନିଜ ପିତାଙ୍କ ଗୃହରୁ ପଳାୟନ କରିଥିଲେ । ତାଙ୍କ ନିକଟରେ ଈଶ୍ୱରଙ୍କ ଆଶୀର୍ବାଦ ବ୍ୟତୀତ ଅନ୍ୟ କିଛି ନ ଥିଲା ।

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)


**ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ**

ECHO OF HIS CALL

ଥିଓଲୋଜିରେ ଡିପ୍ଲୋମା & Bachelor of Theology

Chepauk & Santhoshapuram, Velachery Chennai.

ମାଧ୍ୟମ - ତାମିଲ (Part Time)

ମାଧ୍ୟମ - ହିନ୍ଦୀ (Part Time)

ଆଡ୍ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ

ଯୋଗ୍ୟତା : ୧୦ମ ଓ ତଦୂର୍ଦ୍ଧ୍ୱ

ବିଗତ ୫୬ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**Contact : The Chairman, Nehemiah Bible College.**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.

Phone : (+91-44) 2852 8282, Cell : (+91) 98410 71852 / 95661 31858

E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ଆହ୍ୱାନର ପ୍ରତିଧ୍ୱନି ମାସିକ ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୩. ବାଇବଲ କୋର – ମୌଳିକ ବାଇବଲ ପାଠ୍ୟକ୍ରମ (ଇଂରାଜୀ, ତାମିଲ, ହିନ୍ଦୀ ) ।
୪. ଥିଓଲୋଜିକାଲ କରେସପଣ୍ଡେନ୍ସ ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୫. ନିହିମିୟା ବାଇବଲ ମହାବିଦ୍ୟାଳୟ (ଚେପକ୍, ସନ୍ତୋଷପୁରମ ଓ ଭେଲାଚେରୀ) ।
୬. ଶାଖା ମଣ୍ଡଳୀ ସମୂହ : ସନ୍ତୋଷପୁରମ, ବାଲାଜୀନଗର ଓ ଭେଲାଚେରୀ ।
୭. ମହାଆବେଶ ସାଥୀଗଣ (ପାଳକମାନେ) ।
୮. ତାଲିମ କାର୍ଯ୍ୟକ୍ରମ, ଅଧିବେଶନ ଓ ସଭା ।
୯. ସୁସମାଚାର ଅଭିଯାନ ।
୧୦. ସାହିତ୍ୟ ସେବା ଓ ବଣ୍ଟନ ।
୧୧. ସୁସମାଚାର ଛାପା କଳ – ପ୍ରକାଶନ ।
୧୨. ରେକ୍ସପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୩. ରବିସ୍କୁଲ (ଚେପକ) – ରବିବାର ସକାଳ ଘ. ୧୦.୩୦ ଓ (ଭେଲାଚେରୀ, ବାଲାଜୀନଗର ଓ ସନ୍ତୋଷପୁରମ) ରବିବାର ଅପରାହ୍ଣ ୩.୦୦ ଘଟିକା ।
୧୪. ପ୍ରାତଃ ଉପାସନା – ରବିବାର ସକାଳ ୫.୩୦ ।
୧୫. ପ୍ରାଥମିକ ସଭା – ରବିବାର ସକାଳ ଘ. ୮.୦୦ ।
୧୬. ତାମିଲ ଉପାସନା – ରବିବାର ସକାଳ ଘ. ୮.୩୦ ।
୧୭. ଯୁବ ସଭା – ରବିବାର ପୂର୍ବାହ୍ନ ଘ. ୧୧.୦୦ ।
୧୮. ସହଭାଗିତା ମଧ୍ୟାହ୍ନ ଭୋଜନ – ରବିବାର ଅପରାହ୍ନ ଘ. ୧.୦୦ ।
୧୯. ତେଲୁଗୁ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୨୦. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୨୧. ତାମିଲ ଓ ଇଂରାଜୀ ଉପାସନା – ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୨୨. ଉଦ୍ଧାର ପ୍ରଦାନର ସମୟ – ରବିବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୩. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୪. ହିନ୍ଦୀ ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୫. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୬.୦୦ ।
୨୬. ଶିଶୁଙ୍କ ସଭା – ରବିବାର ସନ୍ଧ୍ୟା ଘ. ୬.୦୦ ଘଟିକା ।
୨୭. ଗୃହ ସଭା – ମଙ୍ଗଳବାର ଓ ଗୁରୁବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୮. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ୬.୦୦ ଘଟିକା ।
୨୯. ସେବକମାନଙ୍କର ସଭା – ପ୍ରଥମ ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୩୦. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୩୧. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ରୁ) ।
୩୨. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୩୩. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୪. ଯୁବା / ପିଲାମାନଙ୍କ ପାଇଁ ପ୍ରାର୍ଥନା – ପ୍ରତିଦିନ ରାତ୍ରୁ ୧୦ ଘଟିକା (ଫୋନ ମାଧ୍ୟମରେ) ।
୩୫. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୬. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ରୁ ୯.୦୦ (ରବିବାର ବ୍ୟତୀତ) ।

## ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ ପାଠ୍ୟକ୍ରମ
## କେବଳ ଭାରତର ଛାତ୍ରମାନଙ୍କ ନିମନ୍ତେ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୬ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ''ଆପଣଙ୍କ ନିମନ୍ତେ ନୂତନ ଜୀବନ'' ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେନ୍ସ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେନ୍ସ ପାଠ୍ୟକ୍ରମ ସ୍ନାତକ ସ୍ତରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉଚ୍ଚତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ପୋଷ୍ଟାଲ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ

*For more details, write to us.*

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.

**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ ''ଆହ୍ୱାନର ପ୍ରତିଧ୍ୱନି'' ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – 80 - G ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । Echo of His Call Educational Trust କୁ ଦେଉଥିବା ଦାନ ପାଇଁ Demand Draft, Cheque କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲଭା ରାଜ୍‌ଙ୍କ ଜୀବନାନୁଭୂତି)

*''ଯେ ପାଠ କରେ, ସେ ବୁଝୁ'' (ମାଥିଉ ୨୪:୧୫)*

## ''ମୁଁ ଜାଣେ ଯେ ମୋହର ମୁକ୍ତିକର୍ତ୍ତା ଜୀବିତ ଅଟନ୍ତି'' (ଆୟୁବ ୧୯:୨୫) ।

ଈଶ୍ୱର ମୋର ସେବାକାର୍ଯ୍ୟର ଆଦ୍ୟ ଦିନଗୁଡ଼ିକରେ ଅନେକ କ୍ଲେଶ ଓ କଷ୍ଟଗୁଡ଼ିକୁ ଅନୁମତି ଦେଇଥିଲେ । ମୋର ଅର୍ଥର ଅଭାବ ଯୋଗୁ, ମୁଁ ଅତି ତାପଗ୍ରସ୍ତ ଥିଲି । ମୋର ସେବାକାର୍ଯ୍ୟର ପ୍ରତିଷ୍ଠା ନିମନ୍ତେ ମୋ' ନିକଟରେ କୌଣସି ସ୍ଥାୟୀ ଗୃହ ନ ଥିଲା । ମୋତେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ଓ ବାରମ୍ବାର ମୋର ବାସଗୃହ ଓ କାର୍ଯ୍ୟାଳୟକୁ ପରିବର୍ତ୍ତନ କରିବାକୁ ପଡୁଥିଲା ।



ମୁଁ ୧୯୮୦ରେ ଅତି ଅସୁସ୍ଥ ହୋଇଗଲି । ମୁଁ ଜ୍ୱରରେ ପୀଡ଼ିତ ହେଲି ଓ ମୋର ସମଗ୍ର ଶରୀରରେ, ବିଶେଷ ଭାବରେ ମୋର ବେକରେ ଅତିରିକ୍ତ ଯନ୍ତ୍ରଣା ଦେଖାଗଲା । ମୁଁ ଯେଉଁ ସେବାକାର୍ଯ୍ୟ ପରିଚାଳନା କରୁଥିଲି, ତାହା ଏକ ଖ୍ରୀଷ୍ଟିଆନ ଅଞ୍ଚଳ ନ ଥିଲା । ମୋର ଚତୁଃପାର୍ଶ୍ୱରୁ କୌଣସି ସାହାଯ୍ୟ ମିଳୁ ନ ଥିଲା ଓ ମୋତେ ଏକ ଅପରିଚିତ ବ୍ୟକ୍ତି ବୋଲି ବିଚାର କରାଯାଉଥିଲା । ମୁଁ ମୋର ଅସୁସ୍ଥତା ଓ ନିଃସଙ୍ଗତା ଯୋଗୁ ଅତି ଦୁଃଖ ପାଉଥିବାରୁ, ମୋର ଜଣେ ବନ୍ଧୁଙ୍କୁ ମୋ' ସହିତ ଗୋଟିଏ ରାତି ରହିବା ପାଇଁ ଅନୁରୋଧ କରିଥିଲି । ଯଦିଓ ସେ ପୂର୍ବରୁ ଅନେକ ଥର ମୋ'ଠାରୁ ସାହାଯ୍ୟ ପାଇଥିଲେ, ତଥାପି ସେ ମୋ' ସହିତ ରହିବାକୁ ମନା କରିଦେଲେ । ସେହି ରାତିରେ, ମୁଁ ଅନେକ କଷ୍ଟ ପାଇଥିଲି ।

ପରଦିନ ସକାଳେ, କେତେକ ଲୋକ ଆସି ମୋତେ ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଦେଲେ ଓ ମୋତେ ଏକାକୀ ଛାଡ଼ି ଚାଲିଗଲେ । ମୁଁ ସେପର୍ଯ୍ୟନ୍ତ ସେହି ରୋଗ ଯୋଗୁ କଷ୍ଟ ପାଉଥିଲି । ଅନେକ ଦିନପରେ, ଡାକ୍ତର ମୋ'ଠାରେ ଗୋଟିଏ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ ଓ ସବୁକିଛି ବ୍ୟବସ୍ଥା କରିଥିଲେ । ମୋର ପରିସ୍ଥିତି ଯୋଗୁ, ମୁଁ ଅସ୍ତ୍ରୋପଚାର ପାଇଁ ଇଚ୍ଛା କରୁ ନ ଥିଲି ଓ ସେଥିପାଇଁ ପ୍ରାର୍ଥନା କରୁଥିଲି । ମୁଁ ଈଶ୍ୱରଙ୍କୁ କହୁଥିଲି ଯେ ଯଦିଓ ଜାଗତିକ ସୁବିଧା ପାଇଁ ମୋ' ନିକଟରେ ଉପାୟ ଅଛି, ତଥାପି ମୁଁ କିପରି ସେବାକାର୍ଯ୍ୟ ସକାଶେ ଅନେକ ସମସ୍ୟାର ସମ୍ମୁଖୀନ ହେଉଅଛି ।



''ମୁଁ ଆପଣାର ସକଳ ଗତି ବର୍ଣ୍ଣନା କରନ୍ତେ, ତୁମ୍ଭେ (ସଦାପ୍ରଭୁ) ମୋତେ ଉତ୍ତର ଦେଲ'' (ଗୀତସଂହିତା ୧୧୯:୨୬) ।

ଦିନେ ରାତିରେ, ମୁଁ ପ୍ରାର୍ଥନା କରୁଥିବା ସମୟରେ, ଈଶ୍ୱରଙ୍କ ସ୍ପର୍ଶ ଅନୁଭବ କରିଥିଲି । ମୁଁ ମୋ' ଶରୀରରେ ରୋଗରୁ ସୁସ୍ଥ ହେବା ଅନୁଭବ କରିପାରୁଥିଲି । ମୁଁ ଏହାକୁ ସଂପୂର୍ଣ୍ଣ ଭାବରେ ବିଶ୍ୱାସ କରିଥିଲି ଓ ସଂପୃକ୍ତ ଡାକ୍ତରଙ୍କୁ



ମୋର ଅନୁମତି ଜଣାଇଥିଲି । ସେ ଅତି ଦୟାଳୁ ଥିଲେ ଓ ସେ ମୋତେ କହିଥିଲେ, ''ମୁଁ ଜାଣେ, ଏପରି ଅନେକ ଖ୍ରୀଷ୍ଟିଆନ ଅଛନ୍ତି, ଯେଉଁମାନେ ଯୀଶୁ ଖ୍ରୀଷ୍ଟ ସେମାନଙ୍କୁ ସୁସ୍ଥ କରିବେ ବୋଲି କହି ଚିକିତ୍ସା କରନ୍ତି ନାହିଁ । ଆପଣ ମଧ୍ୟ ସେହି ସମାନ କଥା କହୁଛନ୍ତି ।'' ସେ ଅସ୍ତ୍ରୋପଚାର ଓ ଔଷଧ ପାଇଁ ମୋତେ ବାଧ୍ୟ ନ କରି ଛାଡ଼ି ଦେଇଥିଲେ । ମୁଁ ଯେଉଁ ବିଷୟ ପାଇଁ ଈଶ୍ୱରଙ୍କଠାରେ ବିଶ୍ୱାସ କରିଥିଲି, ତାହା ସେ ମୋ' ପୂର୍ଣ୍ଣ କରିଥିଲେ ।

ଈଶ୍ୱର ମୋତେ ସଂପୂର୍ଣ୍ଣ ଭାବରେ ସୁସ୍ଥ କରିଥିଲେ । ପ୍ରାୟ ୪୦ ବର୍ଷ ବିତି ଯାଇଛି, ସେହି ରୋଗ ମୋତେ ଆଉ ଆଦୌ ସ୍ପର୍ଶ କରି ନାହିଁ । ଯଦିଓ ମୋତେ ଅସମତଳ ଓ ଖାଦବଡ଼ା ରାସ୍ତା ଉପରେ ଗାଡ଼ି ଚଳାଇବାକୁ ପଡୁଛି, ତଥାପି ମୁଁ ଆଉ ପିଠିରେ କିମ୍ବା ବେକରେ ଯନ୍ତ୍ରଣା ଅନୁଭବ କରୁ ନାହିଁ । ମୁଁ କାର୍ଯ୍ୟାଳୟରେ ଥାଏ କିମ୍ବା ଅନ୍ୟ କୌଣସି ସ୍ଥାନରେ ପ୍ରଚାର କରୁଥାଏ, ମୁଁ ଦିନକୁ ୨୦ ଘଣ୍ଟା ଧରି କାର୍ଯ୍ୟ କରେ । ସାଧାରଣତଃ, ମୁଁ କ୍ଲାନ୍ତ ହୁଏ ନାହିଁ । ଈଶ୍ୱର ଯେ କେବଳ ମୋତେ ସୁସ୍ଥ କରିଥିଲେ, ତା'ନୁହେଁ, ମାତ୍ର ମୋତେ ବିଭିନ୍ନ ମାର୍ଗରେ ଆଶୀର୍ବାଦ ମଧ୍ୟ କରିଥିଲେ । ମୋର ଯେଉଁ ଏକମାତ୍ର ବନ୍ଧୁ ଥିଲେ, ସେ ମୋତେ ପରିତ୍ୟାଗ କରିଥିଲେ । ମାତ୍ର ଆଜି ଈଶ୍ୱର ମୋତେ ସମଗ୍ର ପୃଥିବୀରେ ବନ୍ଧୁମାନଙ୍କୁ ଦେଇଛନ୍ତି ଓ ମୋତେ ଓ ମୋର ସେବାକାର୍ଯ୍ୟକୁ ଆଶୀର୍ବାଦ କରିଛନ୍ତି ।



ପ୍ରିୟ ବନ୍ଧୁ, ଆମର ପ୍ରଭୁ ଯୀଶୁ ଅତି ଅସାଧାରଣ ଅଟନ୍ତି ଓ ସେ କୌଣସି ବିଷୟରେ ଉର୍ଦ୍ଧ୍ୱରେ ଅଛନ୍ତି । ଯଦି ଆମେ ତାଙ୍କୁ ଆମର ପ୍ରକୃତ ବନ୍ଧୁ ଓ ଈଶ୍ୱର ବୋଲି ବିଚାର କରିବା, ତେବେ ସେ ଆମକୁ ଏହି ଅନ୍ଧକାର ଜଗତରେ ସଠିକ୍ ସମୟରେ, ସଠିକ୍ ପଥରେ କଢ଼ାଇ ନେବେ । ଯଦି ଆପଣ ତାଙ୍କୁ ଏପର୍ଯ୍ୟନ୍ତ ଆପଣଙ୍କର ବ୍ୟକ୍ତିଗତ ଜୀବନରେ ଆପଣଙ୍କର ପ୍ରଭୁ ଓ ତ୍ରାଣକର୍ତ୍ତାଭାବରେ ଗ୍ରହଣ କରିନାହାନ୍ତି, ତେବେ ବର୍ତ୍ତମାନ ତାଙ୍କୁ ଗ୍ରହଣ କରନ୍ତୁ ଓ ତାଙ୍କର ସେବା କରିବା ଆରମ୍ଭ କରନ୍ତୁ । ସେ ନିଶ୍ଚୟ ଆପଣଙ୍କୁ ଏକ ନିରାପଦ ମାର୍ଗରେ କଢ଼ାଇ ନେବେ । ସେ ମୋତେ ପ୍ରତିଦିନ ପଥ ଦେଖାଉଛନ୍ତି ଓ ଆପଣଙ୍କୁ ମଧ୍ୟ ପଥ ଦେଖାଇବେ ବୋଲି ମୁଁ ସୁନିଶ୍ଚିତ ଅଟେ ।

''...ଆମ୍ଭେ ପ୍ରାନ୍ତର ମଧ୍ୟରେ ପଥ ଓ ମରୁଭୂମିରେ ନଦନଦୀ କରିବା'' (ଯିଶାଇୟ ୪୩:୧୯) ।

******************

(୬ଷ ପୃଷ୍ଠାର ଅବଶିଷ୍ଟାଂଶ)



*ଆମ୍ଭେ ସଦାପ୍ରଭୁ ... ଏହି ଯେଉଁ ଦେଶରେ ଶୟନ କରୁଅଛ, ତାହା ଆମ୍ଭେ ତୁମକୁ ଓ ତୁମ ବଂଶକୁ ଦେବା ।*

"ଆମ୍ଭେ ସଦାପ୍ରଭୁ ... ଏହି ... ଦେଶ ଆମ୍ଭେ ତୁମକୁ ଓ ତୁମ ବଂଶକୁ ଦେବା" (ଆଦିପୁସ୍ତକ ୨୮:୧୩) ।

ସେ ନିଜ ଭବିଷ୍ୟତ୍ ବିଷୟରେ ଅନିଶ୍ଚିତ ହୋଇ ଶୂନ୍ୟ ହସ୍ତରେ ଓ ଭୟର ସହିତ ନିଜ ଗୃହ ତ୍ୟାଗ କରିଥିଲେ ।

ପ୍ରଥମେ ଲାବନଙ୍କ ଗୃହରେ ତାଙ୍କ ଜୀବନ ଅନୁକୂଳ ମନେ ହେଉଥିଲା । ମାତ୍ର ସମୟ କ୍ରମେ ଏହା ଶତ୍ରୁତାରେ ପରିଣତ ହୋଇଥିଲା । ଲାବନ ଓ ତାଙ୍କ ପୁତ୍ରମାନେ ଈର୍ଷାନ୍ବିତ ହୋଇ ଉଠିଥିଲେ ଓ ସେମାନଙ୍କ ମନୋଭାବ ପରିବର୍ତ୍ତିତ ହୋଇଥିଲା ।

"ପୁଣି ଲାବନ ତାଙ୍କ ପ୍ରତି ପୂର୍ବପରି ନୁହେଁ, ଏହା ଯାକୁବ ତାଙ୍କର ମୁଖ ଦେଖି ବୁଝିଲେ ... ତାଙ୍କର ମୁଖ ତାଙ୍କ ପ୍ରତି ପୂର୍ବପରି ନ ଥିଲା..." (ଆଦିପୁସ୍ତକ ୩୧:୨,୫) ।

ଯଦିଓ ଯାକୁବ କଷ୍ଟର ସମ୍ମୁଖୀନ ହୋଇଥିଲେ, ତଥାପି ଈଶ୍ବର ତାଙ୍କ ସହିତ ଥିଲେ ।

ସମୟ ଆସିବାରୁ, ଈଶ୍ବର କହିଲେ, "ଫେରିଯାଅ ।"

ଯେଉଁ ବେଳେ ଲାବନ, ଯାକୁବଙ୍କୁ ଶୂନ୍ୟହସ୍ତରେ ବିଦାୟ କରିବାର ଉଦ୍ଦେଶ୍ୟ ରଖିଥିଲେ, ସେହି ବେଳେ ଈଶ୍ବର ହସ୍ତକ୍ଷେପ କରିଥିଲେ ।
ଯାକୁବ ସାକ୍ଷ୍ୟ ଦେଇଥିଲେ,

"ମୋହର ପୈତୃକ ପରମେଶ୍ବର ... ଯେବେ ମୋହର ସହାୟ ହୋଇ ନ ଥାଆନ୍ତେ, ତେବେ ଅବଶ୍ୟ ଏବେ ତୁମ୍ଭେ ମୋତେ ଶୂନ୍ଯ ହସ୍ତରେ ବିଦାୟ କରିଥାଆନ୍ତ..." (ଆଦିପୁସ୍ତକ ୩୧:୪୨) ।

ମାତ୍ର ଈଶ୍ବର ଏହାକୁ ଅନୁମତି ଦେଇ ନ ଥିଲେ । ସେ ସମସ୍ତ ବିଷୟ ଫେରାଇ ଦେଇଥିଲେ ଓ ନିଜର ପ୍ରତିଜ୍ଞା ସଫଳ କରିଥିଲେ ।

ଈଶ୍ବର ନିଜ ସମୟରେ ସମସ୍ତ ବିଷୟକୁ ସୁଶୋଭିତ କରନ୍ତି ।

ଯଦି ଆପଣ ନିମ୍ନଲିଖିତ କୌଣସି ବିଷୟ ନିମନ୍ତେ ଅପେକ୍ଷା କରୁଛନ୍ତି :

- ଏକ ପଦୋନ୍ନତି ନିମନ୍ତେ
- ଉନ୍ନତି ନିମନ୍ତେ
- ଏକ ସଫଳତା ନିମନ୍ତେ

ତେବେ ଈଶ୍ବର କହୁଛନ୍ତି, "ଏହା ହିଁ ଉପଯୁକ୍ତ ସମୟ" କେହି ଏହାକୁ ଅଟକାଇ ପାରିବେ ନାହିଁ ।

ଧୈର୍ଯ୍ୟଧରନ୍ତୁ ।

ବଳବାନ୍ ହୁଅନ୍ତୁ ।

ସଠିକ୍ ସମୟରେ, ଈଶ୍ବର ପରବର୍ତ୍ତୀ ଦ୍ବାର ଖୋଲିବେ ।

ପ୍ରିୟ ବନ୍ଧୁଗଣ, ଲୋକମାନେ ହୁଏତ ଆମ ବିରୁଦ୍ଧରେ ମନ୍ତ୍ରଣା କରିପାରନ୍ତି ଓ ଶତ୍ରୁ ହୁଏତ ଆମ ସମ୍ମୁଖରେ ଫାନ୍ଦ ରଖିପାରେ – ମାତ୍ର ଈଶ୍ବର ଆମକୁ ବିନଷ୍ଟ କରିବା ପାଇଁ ସେମାନଙ୍କୁ ଅନୁମତି ଦେବେ ନାହିଁ ।

ଆମକୁ ତାଙ୍କ ପ୍ରତିଜ୍ଞାଗୁଡ଼ିକୁ ଦୃଢ଼ ଭାବରେ ଧରି ରଖିବାକୁ ହେବ ।

"ସଦାପ୍ରଭୁ ତୁମ ବିରୁଦ୍ଧରେ ଉଠିବା ଶତ୍ରୁମାନଙ୍କୁ ତୁମ ଆଗେ ଆଗେ ପରାସ୍ତ କରିବେ..." (ଦ୍ବିତୀୟ ବିବରଣ ୨୮:୭) ।

ଆମେ ଯେଉଁ ବିଷୟର ସମ୍ମୁଖୀନ ହେଉ ନା' କାହିଁକି, ଈଶ୍ବର ଆମ ସହିତ ଦଣ୍ଡାୟମାନ ଅଛନ୍ତି । ତାଙ୍କର ବାକ୍ୟ ଆମକୁ ସ୍ମରଣ କରାଇ ଦିଏ :

"ଧାର୍ମିକର ବିପଦ ଅନେକ, ମାତ୍ର ସେସବୁରୁ ସଦାପ୍ରଭୁ ତାହାକୁ ଉଦ୍ଧାର କରନ୍ତି" (ଗୀତସଂହିତା ୩୪:୧୯) ।

"ସେ ଆମ୍ଭ ନିକଟରେ ପ୍ରାର୍ଥନା କଲେ, ଆମ୍ଭେ ତାହାକୁ ଉତ୍ତର ଦେବା । ଦୁଃଖ ବେଳେ ଆମ୍ଭେ ତାହାର ସହବର୍ତ୍ତୀ ହେବା, ଆମ୍ଭେ ତାହାକୁ ରକ୍ଷା କରିବା ଓ ତାହାକୁ ସମ୍ଭ୍ରମ କରିବା" (ଗୀତସଂହିତା ୯୧:୧୫) ।

ଈଶ୍ବର ଦୂରରେ ନାହାନ୍ତି – ସେ ଆମ ସହିତ ଅଛନ୍ତି । ସେ ପ୍ରତ୍ୟେକ କ୍ଲେଶ ମଧ୍ୟରେ ଆମ ପାଖେ ପାଖେ ଚାଲନ୍ତି ଓ ଶେଷରେ ସେଗୁଡ଼ିକ ମଧ୍ୟରୁ ଆମକୁ ବାହାର କରି ଆଣନ୍ତି ।

ସେ ଆପଣଙ୍କୁ ପରିତ୍ୟାଗ କରିବେ ନାହିଁ ।

ସେ ଆପଣଙ୍କୁ ବିଫଳ କରିବେ ନାହିଁ ।

ସେ ଆପଣଙ୍କ ନିମନ୍ତେ ଯାହା ପ୍ରସ୍ତୁତ କରିଛନ୍ତି, ତାହାକୁ ବିନଷ୍ଟ କରିବା ପାଇଁ କାହାକୁ ଅନୁମତି ଦେବେ ନାହିଁ ।

ତାଙ୍କର ଏହି ପ୍ରତିଜ୍ଞାକୁ ଧରିରଖନ୍ତୁ :

"...ଭୟ କର ନାହିଁ, ଆମ୍ଭେ ତୁମ୍ଭର ଢାଲ ଓ ମହା ପୁରସ୍କାରସ୍ୱରୂପ" (ଆଦିପୁସ୍ତକ ୧୫:୧) ।

(ସେଠାରେ ଆପଣଙ୍କ ନାମ ଲେଖନ୍ତୁ – ତାଙ୍କର ପ୍ରତିଜ୍ଞା ବ୍ୟକ୍ତିଗତ ଅଟେ ।)

ଏହି ମାସଟି ମଙ୍ଗଳମୟ ହେଉ ।

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୫୮),
(୯୧-୯୮୪୧୨୭୧୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ କରନ୍ତୁ ।

ସମ୍ପାଦକ


# ନିଡ଼ିମିୟା ବାଇବଲ କଲେଜ

AN *ECHO OF HIS CALL* INSTITUTION

(ଆବାସିକ – ହିନ୍ଦୀ ଓ ସାଂଧ୍ୟ – ତାମିଲ)

୨୨ ତମ ଉପାଧି ପ୍ରଦାନ ଉତ୍ସବ

on 4th July, 2026 Saturday, 5:00 P.M.



ବିଶେଷ ଅତିଥି

ରେଭ୍.ଡ଼.ଏସ୍.ଜେ.କିଙ୍ଗସ୍ଲୀ,

(COO, JESUS CALLS)

at Skidmore Hall,
Balar Kalvi Nilayam Hall, M.R.C. Centre,
5/6, Ritherdon Road,
Vepery, Chennai - 600 007.

- 2026-2027 Admissions have started for Tamil and Hindi students!
- Please recommend deserving students!!
- Classes for the academic year 2026-27 will commence on 01.06.2026!!!!

Pray and Participate!

Classes conducted at Chepauk, Santhoshapuram & Velachery

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

# OUR BANK DETAILS:

## 1. Bank : State Bank of India

Branch : Triplicane, Chennai-5
Name : S. Sam Selva Raj
A/C No. : 1023 2934 679
IFSC : SBIN 00 00 249
SWIFT CODE : SBI NIN BB 455

## 2. Bank : ICICI Bank

Branch : Anna Salai, Chennai-6
Name : Echo of His Call
A/C No. : 6038 0502 2319
IFSC : ICIC 000 6038

## 3. Bank : State Bank of India

(This Account is for Tax Exemption for Indians only )

Branch : Triplicane, Chennai-5
Name : Echo of His Call Educational Trust
A/C No. : 1023 2923 805
IFSC : SBIN 00 00 249

# OUR QR CODE:

ECHO OF HIS CALL

Scan to pay with any UPI app

Google Pay: 98410 71858
PayPal : SAM SELVA RAJ
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ପ୍ରୋତ୍ସାହନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ / ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

ଆମର ଠିକଣା :

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS Patrika Channel"
on 18th JUNE 2026.
If un-delivered please return to:
ECHO OF HIS CALL (ODIA)
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**